ଧରିତ୍ରୀ
DHARITRI
Printed at Bhubaneswar, Sambalpur, Angul and Rayagada
akhabar.com/www.dharitri.com ରାୟଗଡ଼ା, ଗୁରୁବାର, ଜୁନ୍ ୨୨/୨୦୧୭ (୧୬ ପୃଷ୍ଠା) Rayagada, Thursday, June 22 /2017

**ଅନ୍ତର୍ଜାତୀୟ ଯୋଗ ଦିବସ**

# ସୁସ୍ଥ ଜୀବନଯାପନ ପାଇଁ ଯୋଗ ଅମୂଲ୍ୟ ଔଷଧ





ବୁଧବାର କୋରାପୁଟ ଓ ଲକ୍ଷ୍ମୀପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଶିବିରାର୍ଥୀମାନେ ଯୋଗାଭ୍ୟାସ କରୁଛନ୍ତି।

କୋରାପୁଟ/ଜୟପୁର/ଲକ୍ଷ୍ମୀପୁର/ସୁନାବେଡା/ବୈପାରିଗୁଡା/ଲମତାପୁଟ/ବୋରିଗୁମ୍ମା,୨୧।୬(ସ୍ୱ.ପ୍ର./ଡି.ଏନ.ଏ.)– ଆନ୍ତର୍ଜାତିକ ଯୋଗଦିବସ ଉପଲକ୍ଷେ ବୁଧବାର କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ଯୋଗ ଶିବିରମାନ ଅନୁଷ୍ଠିତ ହୋଇଛି । ଓଡିଶା ଯୋଗ ମହୋତ୍ସବ ସମିତି ଓ ବିବେକାନନ୍ଦ ଯୋଗ ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ ମିଳିତ ଭାବେ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମ ପରିସରରେ ହୋଇଥିବା ଯୋଗ ଶିବିରରେ ଶରତ କୁମାର ସନ୍ତୋଷ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁସ୍ଥ ଓ ନୀରୋଗ ଜୀବନଯାପନ ପାଇଁ ଯୋଗ ହିଁ ଅମୂଲ୍ୟ ଔଷଧ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ କେ.ନାରାୟଣ ସ୍ୱାମୀ, ଯୋଗଗୁରୁ ସୁବାସ ସ୍ୱାଇଁ ଉପସ୍ଥିତ ଥିଲେ ।

ସେହିପରି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶା ପକ୍ଷରୁ ସ୍ଥାନୀୟ ଲାଣ୍ଡିଗୁଡାସ୍ଥିତ ନିଜସ୍ୱ କ୍ୟାମ୍ପସଠାରେ ବୁଧବାର ତୃତୀୟ ଆନ୍ତର୍ଜାତିକ ଯୋଗଦିବସ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତର ସଂସ୍କୃତି ଏବଂ ଜ୍ଞାନର ଉପଯୁକ୍ତ ଉଦାହରଣ ହେଉଛି ଯୋଗ ବୋଲି କହିଥିଲେ। ରାମକୃଷ୍ଣ ମିଶନର ଡ. ଅମୂଲ୍ୟ ରଞ୍ଜନ ମହାପାତ୍ର, ଯୋଗଶିକ୍ଷକ ବୀରେନ୍ଦ୍ର ପ୍ରସାଦ ଉପସ୍ଥିତ ଥିଲେ ।

ଜୟପୁରରେ ବିଭିନ୍ନ ସଂଗଠନ, ବିଦ୍ୟାଳୟ, ମହାବିଦ୍ୟାଳୟରେ ବୁଧବାର ବିଶ୍ୱ ଯୋଗଦିବସ ପାଳିତ ହୋଇଛି । ସଂଧ୍ୟା ଫଙ୍କସନ ହଲଠାରେ ପତଞ୍ଜଳି ଯୋଗସମିତି ଏବଂ ଭାରତ ନିର୍ମାଣ ଟ୍ରଷ୍ଟର ସ୍ଥାନୀୟ ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗର ବିଭିନ୍ନ ଉପକାରିତା ଉପରେ ଆଲୋକପାତ କରାଯାଇଥିଲା । ଜିଲା ପ୍ରଭାରି ଅମ୍ବିକା ପ୍ରସାଦ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମହିଳା ପ୍ରଭାରୀ ଜାନକୀ ପାଣିଗ୍ରାହୀ, ଗୁରୁମୂର୍ତ୍ତି ମହାନ୍ତି, ମଦନ ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜୟପୁର ବିକ୍ରମଦେବ ମହାବିଦ୍ୟାଳୟ ଏନ.ସି.ସି ବିଭାଗ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଥିଲା । ଅଧ୍ୟାପକ ଲେଫଟନାଣ୍ଟ ଡା. ଲକ୍ଷ୍ମଣ ପାତ୍ର, ସୁବେଦାର ରମେଶ ଘିସିଂ, ହାବିଲଦାର ହରିଜିନେନ୍ଦ୍ର ସିଂ ପ୍ରଶିକ୍ଷକ ଭାବେ ଡା. ଏ.ସି. ସାମନ୍ତରାୟ ଏବଂ ପ୍ରଦୀପ କୁମାର ମହାପାତ୍ର ଯୋଗ ଦେଇଥିଲେ।

ଲକ୍ଷ୍ମୀପୁରଠାରେ ବିଶ୍ୱ ଯୋଗ ଦିବସ ଅବସରରେ ୧୨୦ ବିଏସ୍‌ଏଫ୍ ବାଟାଲିୟନ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ ହୋଇଥିଲା । ଏଥିରେ ବିଏସ୍‌ଏଫ୍ ୧୬୦ ବାଟାଲିୟନର କମାଣ୍ଡାଣ୍ଟ ସୁପ୍ରୀତ ଭଗତ, ଡ. ରାଜେନ୍ଦ୍ର କୁମାର ଗୁପ୍ତା, ନନ୍ଦ କିଶୋର ସାହୁ ସ୍ଥାନୀୟ ଯୁବକ, ଛାତ୍ରୀଛାତ୍ର ଯୋଗଶିକ୍ଷା କରିଥିଲେ। ଲକ୍ଷ୍ମୀପୁର ରେଳଷ୍ଟେଶନ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆରପିଏଫ୍ ଇନ୍‌ଚାର୍ଜ ଏନ୍.ଜି. ରାମାନ୍, ଏସ୍‌ଆଇ ଜି.ପି ରାଜୁ, ଏଏସ୍‌ଆଇ ବି.ଏଚ୍ ରାସ, ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନ, ସହକାରୀ ଯନ୍ତ୍ରୀ କେ. ସୂର୍ଯ୍ୟରାଓ ଉପସ୍ଥିତ ଥିଲେ।

ସୁନାବେଡ଼ା ମିଗ୍‌ନଗରୀସ୍ଥିତ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ସ୍ଥାନୀୟ ଭି.ଏସ୍. ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ହେମନ୍ତ କୁମାର ସେଠ୍, ପ୍ରଶିକ୍ଷକ ସୀମାଞ୍ଚଳ ମହାରଣା ଏବଂ ପଦ୍ମାଳୟ ମହାରଣା ଛାତ୍ରୀଛାତ୍ରମାନଙ୍କୁ ନିୟମିତ ଯୋଗାଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଏଡିଏଭି ହାଇସ୍କୁଲରେ ପ୍ରଧାନଶିକ୍ଷକ ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା ।

ଦାମନଯୋଡିସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର, ନାଲକୋ ଟାଉନଶିପରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ. ଡି. କେ. ମହାନ୍ତି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋର ମହାପ୍ରବନ୍ଧକ(ଏ ଆଣ୍ଡ ଆର) ଇଂ. ରବିଶଙ୍କର ଦାସ, ବିଦ୍ୟାମନ୍ଦିରର ସମ୍ପାଦକ ଡ. ଚିତ୍ତରଞ୍ଜନ ମିଶ୍ର, ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ଉପସ୍ଥିତ ଥିଲେ ।

ବୈପାରିଗୁଡାସ୍ଥିତ ଶହୀଦ୍ ଲକ୍ଷ୍ମଣ ନାୟକ କନିଷ୍ଠ ମହାବିଦ୍ୟାଳୟଠାରେ ଅନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଥିଲା। ଶିକ୍ଷକ ଦିଲୀପ କୁମାର ରଥ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଯୋଗର ଉପକାରିତା ସଂପର୍କରେ ସୂଚନା ଦେଇ ଯୋଗ ପ୍ରଣାୟମ ଓ ଆସନ ଦ୍ୱାରା ଜଣେ ଶାରିରୀକ ଓ ମାନସିକ ସ୍ତରରେ ସୁସ୍ଥ ରହିପାରିବ ବୋଲି କହିଥିଲେ। ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରାଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଲମତାପୁଟ ବ୍ଲକ୍ ପାତଞ୍ଜଳି ଯୋଗ ସମିତି ପକ୍ଷରୁ ଆନ୍ତରାଷ୍ଟ୍ରୀୟ ଯୋଗ ଦିବସ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ତହସିଲ ପ୍ରଭାରୀ ସନ୍ତୋଷ ପାତ୍ର ଯୋଗ ଦେଇଥିଲେ । ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷକ କପିଳେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଶିବଶଙ୍କର ପାତ୍ର ପରିଚାଳନା କରିଥିଲେ ।

ବୋରିଗୁମ୍ମା ବ୍ଲକ୍ ସଭାଗୃହରେ ପାତଞ୍ଜଳି ଯୋଗ ପୀଠ ଆନୁକୂଲ୍ୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଡିଓ ଯୋଗେନ୍ଦ୍ର ମାଝୀ,ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଗୁପ୍ତପ୍ରସାଦ ପଣ୍ଡ, ମୁଖ୍ୟବକ୍ତା ଭାବେ ଜି. ମଧୁସୂଦନ ରାଓ ଯୋଗଦେଇଥିଲେ।